ଭୁବନେଶ୍ୱର, ୧୩।୭: ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ମୁକାବିଲା କରିବା ପାଇଁ ସ୍ୱଦେଶୀ ଜ୍ଞାନର ବ୍ୟବହାର ଅପରିହାର୍ଯ୍ୟ ବୋଲି ଏଠାରେ ଆୟୋଜିତ ବହୁ ରାଷ୍ଟ୍ରୀୟ କର୍ମଶାଳାରେ ମତପ୍ରକାଶ ପାଇଛି । ବଙ୍ଗୋପସାଗର ଉପକୂଳରେ ଥିବା ବାଂଲାଦେଶ ଓ ଭାରତର ପ୍ରଭାବିତ ଜନଗଣଙ୍କ ସମସ୍ୟା ଭିନ୍ନ ଥିବାରୁ ମିଳିତ ହୋଇ କାର୍ଯ୍ୟକ୍ରମ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବାଂଲା ପାର୍ଲିଆମେଣ୍ଟର ସାଂସଦ ତନବିର ସକିଲ କର୍ମଶାଳାକୁ ସମ୍ବୋଧିତ କରି କହିଛନ୍ତି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱରୂପ ଅସ୍ୱାଭାବିକ ଭାବେ ତାପମାତ୍ରା ବୃଦ୍ଧି ପାଇବାରୁ ଗ୍ଲାସିୟର ତରଳିବାରେ ଲାଗିଛି ଏବଂ ବଙ୍ଗଳା ଦେଶରେ ପ୍ରବାହିତ ନଦୀ ଗୁଡ଼ିକରେ ବନ୍ୟା ଆସି ପ୍ରଭୃତ ଜନଜୀବନ ନଷ୍ଟ କରୁଛି ବୋଲି ସକିଲ କହିଥିଲେ । ଜଳବାୟୁ ପରିବର୍ତ୍ତନ ଜନିତ କାରଣ ପାଇଁ ବାଂଲା ଦେଶ ଦାୟୀ ନହୋଇ ମଧ୍ୟ ଏହାର ଅଧିବାସୀମାନଙ୍କୁ ପ୍ରବଳ ମାତ୍ରାରେ କ୍ଷତି ସହିବାକୁ ପଡୁଛି । ତେଣୁ ଜଳବାୟୁ ଜନିତ ପ୍ରଭାବର ସାମନା କରିବା ପାଇଁ ସ୍ଥାନୀୟ ସ୍ୱଦେଶୀ ଜ୍ଞାନକୁ ଗୋଷ୍ଠୀସ୍ତରରେ ବ୍ୟବହାର ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସକିଲ କହିଥିଲେ । ଦକ୍ଷିଣ ଏସିଆ ଜଳବାୟୁ ପରିବର୍ତ୍ତନ ସଂସଦର ଆଞ୍ଚଳିକ ନିର୍ଦ୍ଦେଶକ ମୁକଲ ଶର୍ମା ଉପକୂଳବର୍ତ୍ତି ଅଞ୍ଚଳର ସାଂସଦମାନଙ୍କ ଏ ଦିଗରେ ଗୁରୁ ଦାୟିତ୍ୱ ରହିଥିବା କହିଥିଲେ । କୋଇଲାରେ ନୁହେଁ ସୌର ଶକ୍ତି ସଂପନ୍ନ ଅକ୍ଷୟ ଶକ୍ତିର ପ୍ରଚଳନ ଓ ବ୍ୟବହାର ଉପରେ ଗୁରୁତ୍ୱ ଦେବା ସମୀଚିନ ବୋଲି ଶ୍ରୀ ରାୟ କହିଥିଲେ । ସିଆଇଏସ ପକ୍ଷରୁ ଡକ୍ଟର ଦେବଲ ଦେବ ଖାଦ୍ୟ ନିରାପତ୍ତା ପାଇଁ ସ୍ୱଦେଶୀ କୃଷିକୁ ଫେରିଯିବାକୁ ହେବ ବୋଲି ଦର୍ଶାଇଥିଲେ । ସ୍ଥାନୀୟସ୍ତରରେ ଥିବା ଜ୍ଞାନ ଓ ବିହନକୁ ଉପଯୋଗ ତଥା ଜୈବିକ ସନ୍ତୁଳତା ପାଇଁ ଦେଶୀ ପଶୁ ସମ୍ପଦ ପ୍ରଜାତିକୁ ସୁରକ୍ଷିତ ରଖିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ । ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ପି ଭଟ୍ଟାଚାର୍ଯ୍ୟ ବଢ଼ି ସହଣୀ ଓ ମରୁଡ଼ି ସହଣୀ ଗୁଣ ଥିବା ପ୍ରଜାତିର ଚୟନ ଓ ବ୍ୟବହାର ଦିଗରେ ମତବ୍ୟକ୍ତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଭୁଗୋଳ ବିଭାଗର ଅଧ୍ୟାପକ କବିର ସେଠୀ, ବୈଜ୍ଞାନିକ ଗୋପାଳ ମହାନ୍ତି ଉପକୂଳ ଓଡ଼ିଶାର ବିପର୍ଯ୍ୟୟ ପ୍ରବଣତା ସଂପର୍କରେ ସୂଚନା ଦେଇଥିଲେ । ଆରସିଡ଼ିସି, କନସର୍ଣ୍ଣ ୱାର୍ଲ୍ଡ ୱାଇଡ୍ ଓ ୟୁଏନଡ଼ିପି ପକ୍ଷରୁ ଆୟୋଜିତ ଏହି କର୍ମଶାଳା ଆସନ୍ତାକାଲି ଉଦ୍‌ଯାପିତ ହେବ । ବାଂଲା ଦେଶ, ନେପାଳ, ଶ୍ରୀଲଙ୍କା ଓ ଭାରତର ଶତାଧିକ ବ୍ୟକ୍ତିବିଶେଷ ଏଥିରେ ଅଂଶଗ୍ରହଣ କରିଥିଲେ ।

# ଉପକୂଳ ଓଡ଼ିଶାର ୨୨ ପ୍ରତିଶତ ଅଞ୍ଚଳ ବିପଦ ସଙ୍କୁଳ

ପ୍ରମେୟ - ୧୫.୭.୨୦୧୨

ଭୁବନେଶ୍ୱର ,(ପି.ଏନ): ଜଳବାୟୁରେ ପରିବର୍ତ୍ତନ ବଙ୍ଗୋପସାଗର ଉପକୂଳବାସୀଙ୍କ ପାଇଁ ଏବେ ବିପଦ ସଙ୍କୁଳ ହୋଇପଡ଼ିଛି । ଅସ୍ୱାଭାବିକ ପରିବେଶ ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି । ରିଜିଓନାଲ୍ ସେଣ୍ଟର ଫର ଡେଭଲପ୍‌ମେଣ୍ଟ କର୍ପୋରେସନ୍ (ଆର୍‌ସିଡିସି) ପକ୍ଷରୁ ଏକ ସ୍ଥାନୀୟ ହୋଟେଲରେ ବିପର୍ଯ୍ୟୟ ପ୍ରବଣ ବଙ୍ଗୋପସାଗର ଉପକୂଳ ଗୋଷ୍ଠୀଙ୍କ ଜଳବାୟୁ ପରିବର୍ତ୍ତନ ମୁକାବିଲା ସଂକ୍ରାନ୍ତୀୟ ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମିଶ୍ର ଏହା କହିଛନ୍ତି । ସମଗ୍ର ବିଶ୍ୱରେ ୭୫୦ ମିଲିୟନ ଲୋକଙ୍କୁ ଏହି ସମସ୍ୟାର ସାମ୍ନା କରିବାକୁ ପଡ଼ୁଥିବା ବେଳେ ଓଡ଼ିଶାର ୪୫ ମିଲିୟନ ଲୋକ ଏହି ସମସ୍ୟାରେ ଜର୍ଜରିତ । ଓଡ଼ିଶାର ୭ଟି ଜିଲ୍ଲାର ଲୋକେ ଏହି ଉପକୂଳ ଅଞ୍ଚଳ ଉପରେ ନିର୍ଭର କରୁଥିବା ବେଳେ ସେଠାରେ ପ୍ରକୃତିର ଅସ୍ୱାଭାବିକ ଗତି ଯୋଗୁ ତାଙ୍କ ଜୀବିକାରେ ବାଧା ପହଞ୍ଚୁଛି । ଉପକୂଳ ଓଡ଼ିଶାର ୪୧ ହଜାର ବର୍ଗ କି.ମି ଅଞ୍ଚଳ ବନ୍ୟା ପ୍ଲାବିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିବା ବେଳେ ଏହାର ୨୨ ପ୍ରତିଶତ ଅଞ୍ଚଳ ବିପଦ ସଙ୍କୁଳ । ବିଗତ ୧୦୦ ବର୍ଷ ମଧ୍ୟରେ ରାଜ୍ୟରେ ୪୯ ବର୍ଷ ବନ୍ୟା, ୩୦ ବର୍ଷ ମରୁଡ଼ି ପଡ଼ିଥିବା ବେଳେ ୧୧ ବର୍ଷ ବାତ୍ୟା ହୋଇଛି । ୧୯୬୫ ମସିହା ପରଠାରୁ ମରୁଡ଼ି ରାଜ୍ୟରେ ଗୋଟିଏ ବର୍ଷରେ ବି ବାଦ୍ ପଡ଼ିନି । ବଙ୍ଗୋପସାଗରରେ ବାରମ୍ବାର ଲଘୁଚାପ ସୃଷ୍ଟି, ସମୁଦ୍ରର ଜଳ ପତ୍ତନ ବୃଦ୍ଧି, ରୌଦ୍ରତାପ, ଅସହ୍ୟ ଗୁଳୁଗୁଳି ଓ ବଜ୍ରପାତ ଲୋକଙ୍କ ଜୀବନ ଜୀବିକା ଓ ବସତି ଉପରେ ପ୍ରତିକୂଳ ପ୍ରଭାବ ପକାଇଛି । ଏଥିପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ହେଉଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ବିପର୍ଯ୍ୟୟ କାରଣରୁ ସଫଳତା ମିଳି ପାରୁନାହିଁ । ତେଣୁ କନସର୍ନ ୱାର୍ଲ୍ଡ ୱାଇଡ୍ ସହାୟତାରେ ଆର୍‌ସିଡିସି ପକ୍ଷରୁ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ରାଜନଗର ଓ ବାଲିକୁଦା ବ୍ଲକର ୮୨ଟି ଗ୍ରାମରେ ଗୋଷ୍ଠୀର ସାମର୍ଥ୍ୟ ବିକାଶ ପାଇଁ ବିପର୍ଯ୍ୟୟର ମୁକାବିଲା କରିବାକୁ ବିଭିନ୍ନ କୌଶଳ ଉପରେ ତାଲିମ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କନସର୍ନ ୱାଇଡ୍‌ର ଭାରତ ନିର୍ଦ୍ଦେଶକ ଦୀପଙ୍କର ଦତ୍ତ, ଟେକ୍‌ନିକାଲ କୋଡିନେଟର ସରୋଜ ଦାଶ, ୟୁଏନଡିପି ରାଜ୍ୟ ଅଧିକାରୀ ଅମ୍ବିକା ନନ୍ଦ, ପ୍ରାକ୍ଟିକାଲ୍ ଆକ୍ସନର ସାଉ୍ ଏସିଆ ନିର୍ଦ୍ଦେଶକ ବିଶାଖା ହିଡେଲାଗେ, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ଆର୍ କେ ଶର୍ମା ଓ ଆର୍‌ସିଡିସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୈଳାସ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରତ, ନେପାଳ ଓ ବାଂଲାଦେଶର ୨୦୦ ଅଂଶୀଦାର ଅଂଶଗ୍ରହଣ କରିଥିଲେ ।

---

### ବଙ୍ଗୋପସାଗର ତଟବର୍ତ୍ତୀ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

# ବିପର୍ଯ୍ୟୟର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଜରୁରୀ

ସମାଜ - ୧୩.ଜୁ.୧୨




ଭୁବନେଶ୍ୱର, ୧୨।୭(ବ୍ୟୁରୋ)-ବିଶ୍ୱର ସବୁଠୁ ବେଶି ଲୋକ ବାସକରୁଥିବା ବଙ୍ଗୋପସାଗର ଉପକୂଳ ଅଞ୍ଚଳ ଜଳବାୟୁ ପରିବର୍ତ୍ତନ ପ୍ରଭାବ ଦୃଷ୍ଟିରୁ ଅଧିକ ବିପଦସଙ୍କୁଳ ହୋଇପଡିଛି । ଉପକୂଳ ଓଡ଼ିଶାର ୪୧ହଜାର ବର୍ଗକିମି ଅଞ୍ଚଳ ପ୍ଲାବିତ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବାବେଳେ ଏହାର ୨୨ ପ୍ରତିଶତ ଅଞ୍ଚଳ ଅତ୍ୟନ୍ତ ବିପଦାପୂର୍ଣ୍ଣ ଅବସ୍ଥାରେ ଅଛି । ଶହେ ବର୍ଷ ମଧ୍ୟରୁ ରାଜ୍ୟରେ ୪୯ ବର୍ଷରେ ବନ୍ୟା, ୩୦ ବର୍ଷ ମରୁଡି ଏବଂ ୧୧ବର୍ଷରେ ବାତ୍ୟା ହୋଇଯାଇଥିବା ବେଳେ ଏହି ଜଳବାୟୁ ପରିବର୍ତ୍ତନ ଏବଂ ଏଥିନେଇ ସୃଷ୍ଟି ହେଉଥିବା ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ଜରୁରୀ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର କହିଛନ୍ତି । ୨୦୧୨ରେ ବଙ୍ଗୋପସାଗରରେ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜନସଂପ୍ରଦାୟର ପରିସ୍ଥିତ ସହିତ ମୁକାବିଲା କରିବା ସମ୍ପର୍କରେ ୩ ଦିନିଆ କର୍ମଶାଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ମିଶ୍ର କହିଲେଯେ ପ୍ରକୃତିକ ବିପର୍ଯ୍ୟୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଯେତିକି ଜରୁରୀ ବିପର୍ଯ୍ୟୟ ପରେ ପୀଡିତ ଲୋକଙ୍କୁ ସେଥିରୁ ଉଦ୍ଧାର କରିବା ଅଧିକ ଜରୁରୀ । ଅନ୍ୟମାନଙ୍କ ମଧ୍ୟରେ କନସର୍ଣ୍ଣ ୱାର୍ଲ୍ଡ ୱାଇଡର କଣ୍ଟ୍ରି ଡାଇରେକ୍ଟର ଦୀପଙ୍କର ଦତ୍ତ, ବୈଷୟିକ ସଂଯୋଜକ ସରୋଜ ଦାଶ, ୟୁଏନଡିପିର ରାଜ୍ୟ ପ୍ରକଳ୍ପ ଅଧିକାରୀ ଅମ୍ବିକା ନନ୍ଦ, ପ୍ରାକ୍ଟିକାଲ ଆକ୍ସନ ଦକ୍ଷିଣ ଏସିଆ ନିର୍ଦ୍ଦେଶକ ବିଶାଖା ହିଡେଲ୍‌ଗେ ଏବଂ ଆରସିଡିସିର ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଦାଶ ପ୍ରମୁଖ ବଙ୍ଗୋପସାଗରରେ ବାରମ୍ବାର ଲଘୁଚାପ ସୃଷ୍ଟି, ସମୁଦ୍ରର ଜଳପତନ ବୃଦ୍ଧି, ରୌଦ୍ରତାପ, ଗୁଳୁଗୁଳି ଓ ବଜ୍ରପାତ ଲୋକଙ୍କ ଜୀବନଜୀବିକା ଓ ବସତି ଉପରେ ପ୍ରତିକୂଳ ପ୍ରଭାବ ପକାଇ ଚାଲିଛି ବୋଲି ମତ ଦେଇଥିଲେ । ତେଣୁ ମୁକାବିଲା ଏବେର ଆହ୍ୱାନ ହୋଇଥିବା ବେଳେ ନିରନ୍ତର ବିକାଶ ପାଇଁ ସ୍ଥାୟୀ ଯୋଜନା ପ୍ରସ୍ତୁତ କରିବା ଜରୁରୀ ବୋଲି ମତ ଦେଇଥିଲେ । ରାଜ୍ୟରେ ଆର୍ଥିକ ଓ ସାମାଜିକ ଉନ୍ନୟନ ପାଇଁ ଅନେକ ଉଦ୍ୟମ ହେଉଛି । କିନ୍ତୁ ଜଳବାୟୁରେ ପରିବର୍ତ୍ତନ ଓ ନିୟମିତ ବ୍ୟବଧାନ ବିପର୍ଯ୍ୟୟ କାରଣରୁ ସଫଳତା ମିଳି ପାରୁନାହିଁ । ବିପର୍ଯ୍ୟୟର ମୁକାବିଲା ତଥା ପରିସ୍ଥିତ ସହ ଖାପ ଖୁଆଇ ଚଳିବାର କୌଶଳଗୁଡିକୁ ବିକଶିତ କରିବା ଦିଗରେ ଗୋଷ୍ଠୀର ସାମର୍ଥ୍ୟ ବିକାଶ ପାଇଁ କନସର୍ଣ୍ଣ ୱାର୍ଲ୍ଡ ୱାଇଡ୍ ସହାୟତାରେ ଆରସିଡିସି ପକ୍ଷରୁ କେନ୍ଦ୍ରାପଡା ଓ ଜଗତସିଂହପୁରର ରାଜନଗର ଓ ବାଲିକୁଦା ବ୍ଲକର ୮୨ଟି ରାଜସ୍ୱ ଗ୍ରାମରେ ଗୋଷ୍ଠୀ ଭିତ୍ତିକ ବିପର୍ଯ୍ୟୟ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନକୁ ଖାପଖୁଆଇ ଚଳିବାର କୌଶଳ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କର୍ମଶାଳାରେ ଭାରତ; ନେପାଳ ଓ ବାଂଲାଦେଶର ୨୦୦ ଅଂଶୀଦାର ଯୋଗ ଦେଇଥିଲେ ।

# 'ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ'

**ଭୁବନେଶ୍ୱର,(ନି.ପ୍ର):**

ପାଣିପାଗ ପରିବର୍ତ୍ତନ ବର୍ତ୍ତମାନ ମୁଖ୍ୟ ସମସ୍ୟା ହୋଇ ସାରା ବିଶ୍ୱରେ ମୁଣ୍ଡଟେକିଛି। ଏହି ସମସ୍ୟା ଯୋଗୁଁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। ସାରା ବିଶ୍ୱରେ ବର୍ତ୍ତମାନ ୭୫୦ମିଲିଅନ୍ ଲୋକ ଏହି ସମସ୍ୟାରେ ଅଛନ୍ତି। ଓଡ଼ିଶାରେ ୪୮୦କିଲୋମିଟର ଉପକୂଳ ବିଶିଷ୍ଟ ବେଳାଭୂମି ଉପରେ ୭ଟି ଜିଲ୍ଲାର ଲୋକମାନେ ବସବାସ କରି ଜୀବିକା ନିର୍ଭର କରିଥାନ୍ତି। ତେଣୁ ଏହି ଅଞ୍ଚଳଗୁଡ଼ିକରେ କିପରି ଭାବରେ ପ୍ରକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବେ ସେଥିପାଇଁ ପ୍ରସ୍ତୁତି ରହିବାକୁ ପଡ଼ିବ। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ସରକାର କିଛି ବିପର୍ଯ୍ୟୟ ସୁରକ୍ଷା ତାଲିମ୍ ସଂସ୍ଥା ସହିତ ସାମୂହିକ ସହଯୋଗର ଆବଶ୍ୟକ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର କହିଥିଲେ।

ଗୁରୁବାର ଦିନି ସଣ୍ଟିପ୍ରିମିୟମ୍ଠାରେ ଆର୍.ସି.ଡି.ସି ଓ କନ୍‌ସର୍ଣ୍ଣ ୱାଲ୍ଡ ୱାଇଡ୍‌ର ମିଳିତ ସହଯୋଗରେ ତିନିଦିନିଆ ଅନ୍ତର୍ଜାତୀୟ କର୍ମଶାଳା ଯାହାକି ଉପକୂଳବାସୀ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ସହିତ କିପରି ଖାପଖୁଆଇ ଚଳିବେ ଏବଂ ମୁକାବିଲା ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ସେ ବାବଦରେ ମତାମତ ବିନିମୟ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମିଶ୍ର ଯୋଗ ଦେଇ ଏହା କହିଛନ୍ତି। ବଙ୍ଗୋପସାଗର ପୂର୍ବରୁ କଳିଙ୍ଗ ସାଗର ନାମରେ ପରିଚିତ ଥିଲା। ଓଡ଼ିଶାର ସାଧବପୁଅ ଏଥିରେ ନୌବାଣିଜ୍ୟରେ ଜାଭା, ବୋର୍ଣ୍ଣିଓ ଓ ବାଲି ଆଦି ଦୀପକୁ ଯାଉଥିଲେ। ବର୍ତ୍ତମାନ ସେହି କଳିଙ୍ଗ ସାଗର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବରେ ଅଧିକ ବିପଦ ପ୍ରବଣ ହୋଇ ପଡିଛି ବୋଲି ସେ କହିଥିଲେ।

ୟୁଏନଡିପିର ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ଅମ୍ବିକା ନନ୍ଦ କହିଲେ, ଗତ ୧୯୯୮ରେ ରାଜ୍ୟରେ ଅସହ୍ୟ ରୌଦ୍ରତାପ ହୋଇଥିଲା। ଯାହା ଫଳରେ ୨ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ପୂର୍ବାପେକ୍ଷା ଅଧିକ ଉପକୂଳ ଲୋକମାନେ ସହ୍ୟ କରିଛନ୍ତି। ଲୋକଙ୍କ ପୂର୍ବ ପ୍ରସ୍ତୁତି ପାଇଁ ଏହା କେବଳ ସମ୍ଭବ ହୋଇପାରିଛି। ସାମୂହିକ ଉଦ୍ୟମର ଏହା ହେଉଛି ଏକ ସଫଳ ସୂଚନା। ଗ୍ରାମୀଣ ସ୍ତରର ଲୋକଙ୍କୁ ନିଜର ସ୍ଥିତି ଓ ସମସ୍ୟାଗୁଡିକ ହୃଦବୋଧ କରାଇବାରେ ସାମାଜିକ ସଙ୍ଗଠନଗୁଡିକର ଭୂମିକା ରହିଛି ବୋଲି ଆର୍‌ସିଡିସିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ଦାଶ କହିଥିଲେ। କନସର୍ଣ୍ଣ ୱାର୍ଲ୍ଡ ୱାଇଡ୍‌ର ଦୀପଙ୍କର ଦାଶ, ସରୋଜ ଦାଶ, ସାମ୍ବାଦିକ ଦିଲ୍ଲୀପ ଶତପଥୀ ପ୍ରମୁଖ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଗୁଡ଼ିକୁ ମୁକାବିଲା ଦିଗରେ ଗୋଷ୍ଠୀଗତ ପ୍ରୟାସ ଅପରିହାର୍ଯ୍ୟ ବୋଲି ଦର୍ଶାଇଥିଲେ। ଉପକୂଳବାସୀ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ସହିତ କିପରି ଖାପଖୁଆଇ ଚଳିବେ ଏବଂ ମୁକାବିଲା ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ସେ ବାବଦରେ ମତାମତ ବିନିମୟ ପାଇଁ ରାଜଧାନୀରେ ନେପାଳ, ବାଂଲାଦେଶ, ଶ୍ରୀଲଙ୍କା ଓ ଭାରତର ବହୁ ବିଶେଷଜ୍ଞ ଆଲୋଚନାରେ ଯୋଗ ଦେଇଛନ୍ତି। ମିଳିତ କାର୍ଯ୍ୟପନ୍ଥା ଓ ପ୍ରସ୍ତୁତି ସମ୍ପର୍କରେ ବ୍ୟାପକ ବିଚାର ବିମର୍ଷରେ ଯୋଗଦେଇଛନ୍ତି।

The Khabar
13.7.12

ସମାଜ – ୧୪.୭.୨୦୧୨

# ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ପାଇଁ ଅଧିକ ସଚେତନତା ଆବଶ୍ୟକ

ଭୁବନେଶ୍ୱର, (ବ୍ୟୁରୋ)- ଜଳବାୟୁରେ ବାରମ୍ବାର ପରିବର୍ତ୍ତନ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ପାଇଁ ବିରାଟସମସ୍ୟା ସୃଷ୍ଟି କରିଛି। ଏହାର ମୁକାବିଲା ପାଇଁ ଦୀର୍ଘମିଆଦୀ ଯୋଜନାର ଆବଶ୍ୟକତା ରହିଛି। ବିଶେଷକରି ସରକାର ଓ ଜନସାଧାରଣ ମିଳିତ ଭାବେ ଏ ଦିଗରେ କାମ କରିବାକୁ ପଡ଼ିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର କହିଛନ୍ତି। ରିଜିଓନାଲ ସେଣ୍ଟର ଫର ଡେଭେଲପ୍‌ମେଣ୍ଟ କର୍ପୋରେଶନ(ଆର୍‌ସିଡିସି) ପକ୍ଷରୁ ଏଠାରେ ଏକ ଆଲୋଚନାଚକ୍ରରେ ଯୋଗଦେଇ ସେ କହିଲେ, ଉପକୂଳବର୍ତ୍ତୀ ଅଞ୍ଚଳରେ ୭ଟି ଜିଲାର ୪୫ମିଲିୟନ ଲୋକ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା ଯେ, ଏହି ଅଞ୍ଚଳରେ ୪୧ହଜାର ବର୍ଗ କି.ମି. ବନ୍ୟାପ୍ଲାବିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଏହାର ୨୨ପ୍ରତିଶତ ଅଞ୍ଚଳ ଅତି ବିପଦସଙ୍କୁଳ ହୋଇପଡ଼ିଛି। ବିଗତ ଶହେ ବର୍ଷ ମଧ୍ୟରେ ରାଜ୍ୟରେ ୩୦ବର୍ଷ ମରୁଡ଼ି ଓ ୧୧ବର୍ଷ ବାତ୍ୟା ହୋଇଛି। ୧୯୬୫ମସିହା ପରଠାରୁ ପ୍ରତିବର୍ଷ ମରୁଡ଼ି ହେଉଛି। ବଙ୍ଗୋପସାଗରରେ ବାରମ୍ବାର ଲଘୁଚାପ, ସମୁଦ୍ରର ଜଳ ପତ୍ତନ ବୃଦ୍ଧି, ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଓ ବଜ୍ରପାତ ଫଳରେ ସମୁଦ୍ର ଉପକୂଳ ଜିଲାଗୁଡ଼ିକର ଲୋକମାନେ ଅସୁବିଧାରେ ପଡୁଛନ୍ତି। ଏହା ଏବେ ଆଉ ସ୍ଥାନୀୟ ସମସ୍ୟା ହୋଇ ନାହିଁ। ସମଗ୍ର ବିଶ୍ୱରେ ଏହା ଏକ ବଡ ସମସ୍ୟା ଭାବେ ଛିଡା ହୋଇଛି। ଏହି ବିପର୍ଯ୍ୟୟର ମୁକାବିଲା ପାଇଁ ଗୋଷ୍ଠୀର ସାମର୍ଥ୍ୟ ବିକାଶ ପାଇଁ ଆର୍‌ସିଡିସି ପକ୍ଷରୁ କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାର ୮୨ଟି ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଆଲୋଚନାଚକ୍ରରେ କନସର୍ଣ୍ଣ ୱାର୍ଲ୍ଡ ୱାଇଡ୍‌ର ଦୀପଙ୍କର ଦତ୍ତ, ସରୋଜ ଦାସ, ୟୁଏନଡିପିର ଅମ୍ବିକା ନନ୍ଦ, ବିଶାଖା ହିଡେଲେଜ, ଆରସିଡିସିର କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଭାଗ ନେଇ ମତ ରଖିଥିଲେ। ଗୁରୁବାର ଆରମ୍ଭ ହୋଇଥିବା ଏହି ୩ଦିନିଆ ଆଲୋଚନାଚକ୍ରରେ ଭାରତ, ନେପାଳ ଓ ବାଂଲାଦେଶର ୨୦୦ଜଣ ପ୍ରତିନିଧି ଭାଗ ନେଇଛନ୍ତି।

# ବଙ୍ଗୋପସାଗର ଉପକୂଳ ଅଧିକ ବିପର୍ଯ୍ୟୟପ୍ରବଣ



ଭୁବନେଶ୍ୱର,(ସନିପ୍ର): ବଙ୍ଗୋପସାଗର ଉପକୂଳ ଅଞ୍ଚଳ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦୃଷ୍ଟିରୁ ଅଧିକ ବିପଦ ସଙ୍କୁଳ ହୋଇପଡ଼ିଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ଜନଗଣଙ୍କ ଅବସ୍ଥା ଅତୀ ଦୟନୀୟ ହୋଇପଡ଼ିଛି। ବିଶେଷଜ୍ଞଙ୍କ ନିକଟରେ ମୁକାବିଲା ପାଇଁ ବିଜ୍ଞାନ ସମ୍ମତ ଉପାଦାନ ରହିଛି। ଏହି ବିଷୟ ଆଧାରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍‌ସିଡ଼ିସି ଦ୍ୱାରା ଗୁରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ତିନି ଦିନିଆ ଆନ୍ତର୍ଜାତୀୟ କର୍ମଶାଳାରେ ଉଭୟ ଜ୍ଞାନ ଓ ଦକ୍ଷତାକୁ ଭିତ୍ତିକରି ଏକ ନିଷ୍କର୍ଷ ବାହାରିବା ସହିତ ଏହାର କ୍ଷେତ୍ରୀୟ ପ୍ରୟୋଗ ହୋଇପାରିଲେ ବିପର୍ଯ୍ୟୟର ପ୍ରଭାବକୁ ହ୍ରାସ କରାଯାଇପାରିବ। ଏହି କର୍ମଶାଳା ଜୁଲାଇ୧୨ରୁ ୧୪ ପର୍ଯ୍ୟନ୍ତ ଚାଲୁରହିବ। ବଙ୍ଗୋପସାଗର ଅଞ୍ଚଳରେ ବିଶ୍ୱର ସବୁଠୁ ବେଶି ଗରିବ ଲୋକ ବାସ କରୁଛନ୍ତି। ଉପକୂଳ ଓଡ଼ିଶାର ୪୧,୦୦୦ବର୍ଗ କିମି ଅଞ୍ଚଳ ବନ୍ୟା ପ୍ଲାବିତ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବାବେଳେ ଏହାର ୨୨ପ୍ରତିଶତ ଅଞ୍ଚଳ ଅତ୍ୟନ୍ତ ବିପଦ ସଙ୍କୁଳ ହୋଇପଡ଼ିଛି। ବିଗତ ଶହେ ବର୍ଷ ମଧ୍ୟରୁ ରାଜ୍ୟରେ ୪୯ବର୍ଷ ବନ୍ୟା, ୩୦ବର୍ଷ ମରୁଡ଼ି, ୧୧ବର୍ଷ ବାତ୍ୟା ହୋଇଛି। ୧୯୬୫ମସିହାଠାରୁ ଏଯାବତ୍ ରାଜ୍ୟରେ ଗୋଟିଏ ବର୍ଷ ବି ବାଦ୍ ପଡ଼ିନାହିଁ। ବଙ୍ଗୋପସାଗରରେ ବାରମ୍ବାର ଲଘୁଚାପ ସୃଷ୍ଟି, ସମୁଦ୍ରର ଜଳ ପତନ ବୃଦ୍ଧି, ରୌଦ୍ରତାପ, ଅସହ୍ୟ ଗୁଳୁଗୁଳି ଓ ବଜ୍ରପାତ ଲୋକଙ୍କ ଜୀବନଜୀବିକା ଓ ବସତି ଉପରେ ପ୍ରତିକୂଳ ପ୍ରଭାବ ପକାଇ ଚାଲିଛି। ଏବେ ଏହା ଆଉ ସ୍ଥାନୀୟ ସମସ୍ୟା ହୋଇ ରହିନାହିଁ ବରଂ ବିଶ୍ୱବ୍ୟାପୀ ଏହାର ପ୍ରକୋପ ଦେଖାଦେଇଛି। ରାଜ୍ୟର ଆର୍ଥିକ ଓ ସାମାଜିକ ଉନ୍ନୟନ ପାଇଁ ଅନେକ ଉଦ୍ୟମ ହେଉଛି। କିନ୍ତୁ ଜଳବାୟୁରେ ପରିବର୍ତ୍ତନ ଓ ନିୟମିତ ବ୍ୟବଧାନରେ ବିପର୍ଯ୍ୟୟ କାରଣରୁ ସଫଳତା ମିଳି ପାରୁନାହିଁ। ବିପର୍ଯ୍ୟୟର ମୁକାବିଲା ତଥା ଖାପ ଖୁଆଇ ଚଳିବାର କୌଶଳଗୁଡ଼ିକୁ ବିକଶିତ କରିବା ଦିଗରେ ଗୋଷ୍ଠୀର ସାମର୍ଥ୍ୟ ବିକାଶ ପାଇଁ କନ୍‌ସର୍ଣ୍ଣ ୱାର୍ଲ୍ଡ ୱାଇଡ୍ ସହାୟତା କରିଛି। କନ୍‌ସର୍ଣ୍ଣ ୱାର୍ଲ୍ଡ ୱାଇଡ୍‌ର ସହାୟତାରେ ଆର୍‌ସିଡ଼ିସି ପକ୍ଷରୁ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାର ରାଜନଗର ଓ ବାଲିକୁଦା ବ୍ଲକର ୮୨ଟି ରାଜସ୍ୱ ଗ୍ରାମରେ ଗୋଷ୍ଠୀ ଭିତ୍ତିକ ବିପର୍ଯ୍ୟୟ ପରିଚାଳନା ଓ ଜଳବାୟୁ ପରିବର୍ତ୍ତନକୁ ଖାପ ଖୁଆଇ ଚଳିବାର କୌଶଳ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅନୁରୂପ ଏକ କାର୍ଯ୍ୟକ୍ରମ ଭାରତର ପଡ଼ୋଶୀ ଦେଶ ବାଂଲାଦେଶରେ କାର୍ଯ୍ୟକାରୀ ହେଉଅଛି। ଏହି କର୍ମଶାଳାରେ ଭାରତ, ନେପାଳ ଓ ବାଲାଂଦେଶର ୨୦୦ଅଂଶୀଦାର ଯୋଗଦେଇଥିଲେ।

Sanbasadharana- 13.7.12

ସମାଜ

# ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ସ୍ୱଦେଶୀ ଜ୍ଞାନ ଜରୁରୀ

ଭୁବନେଶ୍ୱର, ୧୩/୭(ବ୍ୟୁରୋ): ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ମୁକାବଲା କରିବା ପାଇଁ ସ୍ୱଦେଶୀ ଜ୍ଞାନର ବ୍ୟବହାର ଅପରିହାର୍ଯ୍ୟ ବୋଲି ବହୁରାଷ୍ଟ୍ରୀୟ ପାଣିପାଗ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଚାଲିଥିବା କର୍ମଶାଳାର ଶୁକ୍ରବାର ଦ୍ୱିତୀୟ ଦିନରେ ଏହି ମତ ପ୍ରକାଶ ପାଇଛି। ବାଲାଂଦେଶ ପାଲିଆମେଣ୍ଟର ସାଂସଦ ତନଭିର ସବିଲ୍ କର୍ମଶାଳାକୁ ସମ୍ବୋଧିତ କରି ବଙ୍ଗୋପସାଗର ଉପକୂଳରେ ଥିବା ବାଲାଂଦେଶ ଓ ଭାରତର ପ୍ରଭାବିତ ଲୋକଙ୍କ ସମସ୍ୟା ଭିନ୍ନ ଥିବା ସତ୍ତ୍ୱେ ମିଳିତ ହୋଇ କାର୍ଯ୍ୟକ୍ରମ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱରୂପ ଅସ୍ୱାଭାବିକ ଭାବେ ତାପମାତ୍ରା ବୃଦ୍ଧି ପାଇବାରୁ ଗ୍ଲାସିୟର ତରଳିବାରେ ଲାଗିଛି ଏବଂ ବଙ୍ଗଳାଦେଶରେ ପ୍ରବାହିତ ନଦୀ ଗୁଡ଼ିକରେ ବନ୍ୟା ଆସି ପ୍ରଭୁତ ଜନଜୀବନ ନଷ୍ଟ କରୁଛି। ଜଳବାୟୁ ପରିବର୍ତ୍ତନ ଜନିତ କାରଣ ପାଇଁ ବାଲାଂଦେଶଦାୟୀ ନହୋଇ ମଧ୍ୟ ଏହାର ଅଧିବାସୀମାନଙ୍କୁ ପ୍ରବଳମାତ୍ରାରେ କ୍ଷତି ସହିବାକୁ ପଡୁଛି। ତେଣୁ ଜଳବାୟୁ ଜନିତ ପ୍ରଭାବ ସାମନା କରିବା ପାଇଁ ସ୍ଥାନୀୟ ସ୍ୱଦେଶୀ ଜ୍ଞାନକୁ ଗୋଷ୍ଠୀ ସ୍ତରରେ ବ୍ୟବହାର କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ସେ କହିଛନ୍ତି। କର୍ମଶାଳରେ ଦକ୍ଷିଣ ଏସିଆ ଜଳବାୟୁ ପରିବର୍ତ୍ତନ ସଂସଦର ଆଂଚଳିକ ନିର୍ଦ୍ଦେଶକ ମୁକୁଲ ଶର୍ମା ଉପକୂଳବର୍ତ୍ତୀ ଅଞ୍ଚଳର ସାଂସଦ ମାନଙ୍କର ଏଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଥିବା କଥା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଆଇଏସ ପକ୍ଷରୁ ଡଃ ଦେବଲ ଦେବ ଖାଦ୍ୟ ନିରାପତ୍ତା ପାଇଁ ସ୍ୱଦେଶୀ କୃଷିକୁ ଫେରିଯିବାକୁ ହେବ ବୋଲି ଦର୍ଶାଇଛନ୍ତି। ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ପି ଭଟ୍ଟାଚାର୍ଯ୍ୟ ବଡ଼ି ସହଣୀ ଓ ମହୁଡ଼ି ସହଣୀ ଗୁଣ ଥିବା ପ୍ରଜାତିର ଚୟନ ଓ ବ୍ୟବହାର ଦିଗରେ ମତ ବ୍ୟକ୍ତ କରିଥିଲେ। ରିଜୋନାଲ ସେଣ୍ଟର ଫର ଡେଭଲପମେଣ୍ଟ କର୍ପୋରେସନ (ଆର୍‌ସିଡିସି) କନସର୍ଣ୍ଣ ୱାର୍ଲ୍ଡ ୱାଇଡ ଏବଂ ୟୁନିସିଫର ମିଳିତ ସହଯୋଗରେ ହୋଟେଲ ସ୍ୱସ୍ତି ପ୍ରିମିୟମ୍ ଠାରେ ଏହି କର୍ମଶାଳା ଚାଲୁରହିଛି। କର୍ମଶାଳାରେ ବାଲାଂଦେଶ, ନେପାଳ, ଶ୍ରୀଲଙ୍କା ଓ ଭାରତର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।

# ବଙ୍ଗୋପସାଗର ଉପକୂଳ ଅଧିକ ବିପର୍ଯ୍ୟୟ ପ୍ରବଣ

ଭୁବନେଶ୍ୱର,ତା୧୨।୭(ପିଏନ୍ଏସ୍): ବିଶ୍ୱର ସବୁଠାରୁ ବେଶୀ ଗରିବ ଲୋକ ବସବାସ କରୁଥିବା ବଙ୍ଗୋପସାଗର ଉପକୂଳ ଅଞ୍ଚଳ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦୃଷ୍ଟିରୁ ଅଧିକ ବିପଦପୂର୍ଣ୍ଣ ବୋଲି ପାଣିପାଗ ବିଜ୍ଞାନୀମାନେ ମତବ୍ୟକ୍ତ କରିଛନ୍ତି ।

ଆୟୋଜିତ କର୍ମଶାଳାରେ ଦିଆଯାଇଥିବା ସୂଚନା ଅନୁଯାୟୀ ଉପକୂଳ ଓଡ଼ିଶାର ୪୧ ହଜାର ବର୍ଗ କିଲୋମିଟର ଅଞ୍ଚଳ ବନ୍ୟାପ୍ଲାବିତ ଅଞ୍ଚଳଭାବେ ଚିହ୍ନଟ ହୋଇଥିବା ବେଳେ ଏହାର ୨୨ ପ୍ରତିଶତ ଅଞ୍ଚଳ ଅତ୍ୟନ୍ତ ବିପଦ ସଂକୁଳ ହୋଇପଡିଛି । ବିଗତ ୧୦୦ ବର୍ଷ ମଧ୍ୟରୁ ରାଜ୍ୟରେ ୪୯ ବର୍ଷ ବନ୍ୟା, ୩୦ ବର୍ଷ ମରୁଡି ଓ ୧୧ ବର୍ଷ ବାତ୍ୟା ହୋଇଛି । ୧୯୬୫ ମସିହା ଠାରୁ ଆଜିପର୍ଯ୍ୟନ୍ତ ରାଜ୍ୟର କେଉଁଠି ନା କେଉଁଠି ମରୁଡି ହୋଇଛି ।

ବଙ୍ଗୋପସାଗରରେ ବାରମ୍ବାର ଲଘୁଚାପ ସୃଷ୍ଟି, ସମୁଦ୍ରର ଜଳପତନ ବୃଦ୍ଧି, ରୌଦ୍ରତାପ, ଅସହ୍ୟ ଗ୍ରୀଷ୍ମ ଓ ବଜ୍ରପାତ ଲୋକଙ୍କ ଜୀବନ ଜୀବିକା ଓ ବସତି ଉପରେ

## ଜଳବାୟୁ ପରିବର୍ତ୍ତନର ପ୍ରଭାବ

ପ୍ରତିକୂଳ ପ୍ରଭାବ ପକାଉଛି । ଏବେ ଏହା ଆଉ ସ୍ଥାନୀୟ ସମସ୍ୟା ହୋଇ ରହିନାହିଁ । ବରଂ ବିଶ୍ୱବ୍ୟାପି ଏହାର ପ୍ରକୋପ ଦେଖାଦେଉଛି । ଏହାର ମୁକାବିଲା ପାଇଁ ସମସ୍ତେ ସଚେତନ ତଥା ପ୍ରସ୍ତୁତ

▶ ପୃଷ୍ଠା-୮

Pragativadi - 13.7.12



# 'ସ୍ୱଦେଶୀ ଜ୍ଞାନ କୌଶଳ ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବକୁ ସାମ୍ନା କରିପାରିବ'

ଭୁବନେଶ୍ୱର, ୧୩।୭(ବ୍ୟୁରୋ)- ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବକୁ ମୁକାବିଲା କରିବା ପାଇଁ ସ୍ୱଦେଶୀ ଜ୍ଞାନର ବ୍ୟବହାର ଅପରିହାର୍ଯ୍ୟ ବୋଲି ଏଠାରେ ଆୟୋଜିତ କର୍ମଶାଳାରେ ମତପ୍ରକାଶ ପାଇଛି । ବଙ୍ଗଳାଦେଶ ପାର୍ଲାମେଣ୍ଟର ସାଂସଦ ତନବୀର ସକିଲ କର୍ମଶାଳାକୁ ସମ୍ବୋଧିତ କରି ବଙ୍ଗୋପସାଗର ଉପକୂଳରେ ଥିବା ବଙ୍ଗଳାଦେଶ ଓ ଭାରତର ପ୍ରଭାବିତ ଜନଗଣଙ୍କ ସମସ୍ୟା ଭିନ୍ନ ଥିବା ସତ୍ତ୍ୱେ ମିଳିତ ହୋଇ କାର୍ଯ୍ୟକ୍ରମ ଗ୍ରହଣ କରିବାର ଆବଶ୍ୟକତା ରହିଛି । ଜଳବାୟୁ ପରିବିର୍ତ୍ତନର ପ୍ରଭାବ ସ୍ୱରୂପ ଅସ୍ୱାଭାବିକ ଭାବେ ତାପମାତ୍ରା ବୃଦ୍ଧି ପାଇବାରୁ ଗ୍ଳାସିୟର ତରଳିବାରେ ଲାଗିଛି । ବଙ୍ଗଳାଦେଶରେ ପ୍ରବାହିତ ନଦୀଗୁଡିକରେ ବନ୍ୟା ଆସି ବହୁ ଜନଜୀବନ ନଷ୍ଟ କରୁଛି । ଜଳବାୟୁ ପରବର୍ତ୍ତନଜନିତ କାରଣ ପାଇଁ ବଙ୍ଗଳାଦେଶ ଦାୟୀ ନହେଲେ ମଧ୍ୟ ଏହାର ଅଧିବାସୀମାନଙ୍କୁ ପ୍ରବଳ ମାତ୍ରାରେ କ୍ଷତି ସହିବାକୁ ପଡୁଛି । ଜଳବାୟୁଜନିତ ପ୍ରଭାବର ସାମ୍ନା କରିବା ପାଇଁ ସ୍ଥାନୀୟ ସ୍ୱଦେଶୀ ଜ୍ଞାନର ଗୋଷ୍ଠୀ ସ୍ତରରେ ବ୍ୟବହାର ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଜଣେ ସାଂସଦ ଭାବେ ସେ ପ୍ରଭାବିତ ବର୍ଗଙ୍କ ସ୍ୱର ନୀତି ନିର୍ଦ୍ଧାରଣ ମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ସଂକଳ୍ପବଦ୍ଧ ବୋଲି କହିଥିଲେ ।

ଦକ୍ଷିଣ ଏସିଆ ଜଳବାୟୁ ପରିବର୍ତ୍ତନ ସଂସଦର ଆଞ୍ଚଳିକ ନିର୍ଦ୍ଦେଶକ ମୁକୁଲ ଶର୍ମା ଆଉ କୋଇଲାରେ ନୁହେଁ ସୌରଶକ୍ତି ସମ୍ପନ୍ନ ଅକ୍ଷୟ ଶକ୍ତିର ପ୍ରଚଳନ ଓ ବ୍ୟବହାର ଉପରେ ଗୁରୁତ୍ୱ ଦେବା ସମୀଚିନ ହେବ ବୋଲି ସେ କହିଥିଲେ । ସିଆଇଏସ ପକ୍ଷରୁ ଡକ୍ଟର ଦେବଲ ଦେବ ଖାଦ୍ୟ ନିରାପତ୍ତା ପାଇଁ ସ୍ୱଦେଶୀ କୃଷିକୁ ଫେରିଯିବାକୁ ହେବ ବୋଲି ଦର୍ଶାଇଥିବା ବେଳେ ସ୍ଥାନୀୟ ସ୍ତରରେ ଥିବା ଜ୍ଞାନ ଓ ବିହନକୁ ଉପଯୋଗ ତଥା ଜୈବିକ ସନ୍ତୁଳତା ପାଇଁ ଦେଶୀ ପଶୁ ସମ୍ପଳ ପ୍ରଜାତୀକୁ ସୁରକ୍ଷିତ ରଖିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ । ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ପି ଭଟ୍ଟାଚାର୍ଯ୍ୟ ବନ୍ୟା ଓ ମରୁଡି ସହନଶୀଳ ପ୍ରଜାତିର ବିହନ ଚୟନ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଭୂଗୋଳ ବିଭାଗର ଅଧ୍ୟାପକ କବୀର ସେଠୀ, ବୈଜ୍ଞାନିକ ଗୋପାଳ ମହାନ୍ତି ଉପକୂଳ ଓଡ଼ିଶାର ବିପର୍ଯ୍ୟୟ ପ୍ରବଣତା ସମ୍ପର୍କରେ ସୂଚନା ଦେଇଥିଲେ ।




ଜଳବାୟୁ ପରିବର୍ତ୍ତନ ଉପରେ ଭୁବନେଶ୍ୱରଠାରେ ଆୟୋଜିତ ଏକ କର୍ମଶାଳାରେ ମନ୍ତ୍ରୀ ଦେବୀ ମିଶ୍ରଙ୍କ ସହିତ ବିଭିନ୍ନ ଏନ୍‌ଜିଓର କର୍ମକର୍ତ୍ତା ଗଣ

Mahavarata - 13.7.12

# ଉପକୂଳ ଓଡ଼ିଶାର ୨୨ ପ୍ରତିଶତ ଅଞ୍ଚଳ ବିପଦ ସଙ୍କୁଳ

ସମ୍ବାଦ - ୧୩.୭.୧୨

ଭୁବନେଶ୍ୱର, ୧୨/୭ (ଇମିସ): ଜଳବାୟୁରେ ପରିବର୍ତ୍ତନ ବଙ୍ଗୋପସାଗର ଉପକୂଳବାସୀଙ୍କ ପାଇଁ ଏବେ ବିପଦ ସଙ୍କୁଳ ହୋଇପଡ଼ିଛି। ଅସ୍ୱାଭାବିକ ପରିବେଶ ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ରିଜିଓନାଲ୍ ସେଣ୍ଟର ଫର ଡେଭଲପ୍‌ମେଣ୍ଟ କର୍ପୋରେସନ୍ (ଆର୍‌ସିଡିସି) ପକ୍ଷରୁ ଏକ ସ୍ଥାନୀୟ ହୋଟେଲରେ 'ବିପର୍ଯ୍ୟୟ ପ୍ରବଣ ବଙ୍ଗୋପସାଗର ଉପକୂଳ ଗୋଷ୍ଠୀଙ୍କ ଜଳବାୟୁ ପରିବର୍ତ୍ତନ ମୁକାବିଲା' ସଂକ୍ରାନ୍ତୀୟ ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମିଶ୍ର ଏହା କହିଛନ୍ତି। ସମଗ୍ର ବିଶ୍ୱରେ ୭୫୦ ମିଲିୟନ ଲୋକଙ୍କୁ ଏହି ସମସ୍ୟାର ସାମ୍ନା କରିବାକୁ ପଡୁଥିବା ବେଳେ ଓଡ଼ିଶାର ୪୫ ମିଲିୟନ ଲୋକ ଏହି ସମସ୍ୟାରେ ଜର୍ଜରିତ। ଓଡ଼ିଶାର ୭ଟି ଜିଲ୍ଲାର ଲୋକେ ଏହି ଉପକୂଳ ଅଞ୍ଚଳ ଉପରେ ନିର୍ଭର କରୁଥିବା ବେଳେ ସେଠାରେ ପ୍ରକୃତିର ଅସ୍ୱାଭାବିକ ଗତି ଯୋଗୁ ତାଙ୍କ ଜୀବିକାରେ ବାଧା ପହଞ୍ଚୁଛି। ଉପକୂଳ ଓଡ଼ିଶାର ୪୧ ହଜାର ବର୍ଗ କି.ମି ଅଞ୍ଚଳ ବନ୍ୟା ପ୍ଲାବିତ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିବା ବେଳେ ଏହାର ୨୨ ପ୍ରତଶତ ଅଞ୍ଚଳ ବିପଦ ସଙ୍କୁଳ। ବିଗତ ୧୦୦ ବର୍ଷ ମଧ୍ୟରେ ରାଜ୍ୟରେ ୪୯ ବର୍ଷ ବନ୍ୟା, ୩୦ ବର୍ଷ ମରୁଡ଼ି ପଡ଼ିଥିବା ବେଳେ ୧୧ ବର୍ଷ ବାତ୍ୟା ହୋଇଛି। ୧୯୬୫ ମସିହା ପରଠାରୁ ମରୁଡ଼ି ରାଜ୍ୟରେ ଗୋଟିଏ ବର୍ଷରେ ବି ବାଦ୍ ପଡ଼ିନି। ବଙ୍ଗୋପସାଗରରେ ବାରମ୍ବାର ଲଘୁଚାପ ସୃଷ୍ଟି, ସମୁଦ୍ରର ଜଳ ପତନ ବୃଦ୍ଧି, ରୌଦ୍ରତାପ, ଅସହ୍ୟ ଗୁଳୁଗୁଳି ଓ ବଜ୍ରପାତ ଲୋକଙ୍କ ଜୀବନ ଜୀବିକା ଓ ବସତି ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ହେଉଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ବିପର୍ଯ୍ୟୟ କାରଣରୁ ସଫଳତା ମିଳି ପାରୁନାହିଁ।

ତେଣୁ 'କନସର୍ନ ୱାର୍ଲ୍ଡ ୱାଇଡ', ସହାୟତାରେ ଆର୍‌ସିଡିସି ପକ୍ଷରୁ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାର ରାଜନଗର ଓ ବାଲିକୁଦା ବ୍ଲକର ୮୨ଟି ଗ୍ରାମରେ ଗୋଷ୍ଠୀର ସାମର୍ଥ୍ୟ ବିକାଶ ପାଇଁ ବିପର୍ଯ୍ୟୟର ମୁକାବିଲା କରିବାକୁ ବିଭିନ୍ନ କୌଶଳ ଉପରେ ତାଲିମ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କନ୍‌ସର୍ନ ୱାଇଡ୍‌ର ଭାରତ ନିର୍ଦ୍ଦେଶକ ଦୀପଙ୍କର ଦତ୍ତ, ଟେକ୍ନିକାଲ କୋର୍ଡିନେଟର ସରୋଜ ଦାଶ, ୟୁଏନଡିପି ରାଜ୍ୟ ଅଧିକାରୀ ଅମ୍ବିକା ନନ୍ଦ, ପ୍ରାକ୍ଟିକାଲ୍ ଆକ୍ସନ୍‌ର ସାଉଥ୍ ଏସିଆ ନିର୍ଦ୍ଦେଶକ ବିଶାଖା ହିତେଲାରେ, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ଆର୍ କେ ଶର୍ମା ଓ ଆର୍‌ସିଡିସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୈଳାସ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରତ, ନେପାଳ ଓ ବାଂଲାଦେଶର ୨୦୦ ଅଂଶୀଦାର ଅଂଶଗ୍ରହଣ କରିଥିଲେ।

ଅନନ୍ୟ
୧୩/୭/୨୦୧୨



# ପ୍ରାକୃତିକ ବିପର୍ଯ୍ୟୟ ବିଶ୍ୱରେ ସମସ୍ୟା ଭାବେ ଦେଖାଦେଇଛି : ମନ୍ତ୍ରୀ



ଭୁବନେଶ୍ୱର,(ଏସଏମଏସ): ଗୁରୁବାର ଦିନି ସ୍ଥାନୀୟ ସ୍ୱାସ୍ତିପ୍ରିମିୟମ୍‌ଠାରେ ଆର୍.ସି.ଡି.ସି ଓ କନ୍‌ସର୍ଣ୍ଣ ୱାର୍ଲ୍ଡ ୱାଇଡ୍‌ର ମିଳିତ ସହଯୋଗରେ ତିନିଦିନିଆ ଆର୍ନ୍ତଜାତୀୟ କର୍ମଶାଳା ଯାହାକି ଉପକୂଳବାସୀ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ସହିତ କିପରି ଖାପଖୁଆଇ ଚଳିବେ ଏବଂ ମୁକାବିଲା ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ସେ ବାବଦରେ ମତାମତ ବିନିମୟ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଦେବୀ ମିଶ୍ର ଯୋଗ ଦେଇ ଏହା କହିଛନ୍ତି । ବଙ୍ଗୋପସାଗର ପୂର୍ବରୁ କଳିଙ୍ଗ ସାଗର ନାମରେ ପରିଚିତ ଥିଲା। ଓଡ଼ିଶାର ସାଧବପୁଅ ଏଥିରେ ନୌବାଣିଜ୍ୟରେ ଜାଭା, ବୋର୍ଣ୍ଣିଓ ଓ ବାଲି ଆଦି ଦୀପକୁ ଯାଉଥିଲେ। ବର୍ତ୍ତମାନ ସେହି କଳିଙ୍ଗ ସାଗର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବରେ ଅଧିକ ବିପଦ ପ୍ରବଣ ହୋଇ ପଡ଼ିଛି ବୋଲି ସେ କହିଥିଲେ । ୟୁଏନଡିପିର ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ଅମ୍ବିକା ନନ୍ଦ କହିଲେ ଯେ ଗତ ୧୯୯୮ରେ ରାଜ୍ୟରେ ଅସହ୍ୟ ରୌଦ୍ରତାପ ହୋଇଥିଲା। ଯାହା ଫଳରେ ୨୦୦୦ଲୋକଙ୍କ ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ପୂର୍ବାପେକ୍ଷା ଅଧିକ ଉ ାପକୁ ଲୋକମାନେ ସହ୍ୟ କରିଛନ୍ତି। ଲୋକମାନଙ୍କର ପୂର୍ବ ପ୍ରସ୍ତୁତି ପାଇଁ ଏହା କେବଳ ସମ୍ଭବ ହୋଇପାରିଛି। ସାମୁହିକ ଉଦ୍ୟମର ଏହା ହେଉଛି ଏକ 'ସଫଳ ସୂଚନା। ଗ୍ରାମୀଣ ସ୍ତରର ଲୋକମାନଙ୍କୁ ନିଜର ସ୍ଥିତି ଓ ସମସ୍ୟାଗୁଡ଼ିକ ହୃଦବୋଧ କରାଇବାରେ ସାମାଜିକ ସଙ୍ଗଠନଗୁଡ଼ିକର ଭୂମିକା ରହିଛି ବୋଲି ଆର୍‌ସିଡିସିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ଦାଶ କହିଥିଲେ। କନସର୍ଣ୍ଣ ୱାର୍ଲ୍ଡ ୱାଇଡ୍‌ର ଦୀପଙ୍କର ଦ , ସରୋଜ ଦାଶ, ସାମ୍ବାଦିକ ଦିଲ୍ଲୀପ ଶତପଥୀ ପ୍ରମୁଖ ଜଳବାୟୁ ପରିବ ନର ପ୍ରଭାବ ଗୁଡ଼ିକୁ ମୁକାବିଲା ଦିଗରେ ଗୋଷ୍ଠୀଗତ ପ୍ରୟାସ ଅପରିହାର୍ଯ୍ୟ ବୋଲି ଦର୍ଶାଇଥିଲେ। ଉପକୂଳବାସୀ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ସହିତ କିପରି ଖାପଖୁଆଇ ଚଳିବେ ଏବଂ ମୁକାବିଲା ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ସେ ବାବଦରେ ମତାମତ ବିନିମୟ ପାଇଁ ରାଜଧାନୀରେ ନେପାଳ, ବାଂଲାଦେଶ, ଶ୍ରୀଲଙ୍କା ଓ ଭାରତର ବହୁ ବିଶେଷଜ୍ଞ ଆଲୋଚନାରେ ଯୋଗ ଦେଇଛନ୍ତି। ମିଳିତ କାର୍ଯ୍ୟପନ୍ଥା ଓ ପ୍ରସ୍ତୁତି ସମ୍ପର୍କରେ ବ୍ୟାପକ ବିଚାର ବିମର୍ଷରେ ଯୋଗଦେଇଛନ୍ତି ।

ବିଗତ ୧୦୦ବର୍ଷ ମଧ୍ୟରୁ ରାଜ୍ୟରେ ୪୯ବର୍ଷ ବନ୍ୟା,୩୦ବର୍ଷ ମରୁଡ଼ି.୧୧ବର୍ଷ ବାତ୍ୟା ହୋଇଛି । ୧୯୬୫ମସିହା ଠାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ କେଉଁଠି ନା କେଉଁଠି ମରୁଡ଼ି ହୋଇଛି । ଏହି ପ୍ରକୃତିକ ବିପର୍ଯ୍ୟୟର ଧାରା ଆଜି ପର୍ଯ୍ୟନ୍ତ ଲାଗିରହିଛି । ବଙ୍ଗୋପସାଗରରେ ବାରମ୍ବାର ଲାଘୁଚାପ ସୃଷ୍ଟି,ସମୁଦ୍ରରେ ଜଳ ପତନ ବୃଦ୍ଧି,ରୌଦ୍ରତାପ,ଅସହ୍ୟ ଗ୍ରୀଷ୍ମଗୁଳି ଓ ବନ୍ୟାପାନ ଲୋକଙ୍କ ଜୀବନଜୀବିକା ଓ ବସତି ଉପରେ ପ୍ରତିକୂଳ ପ୍ରଭାବ ପକାଇ ଚାଲିଛି । ଏବେ ଏହା ସ୍ଥାନୀୟ ସମସ୍ୟା ହୋଇ ରହିନାହିଁ । ଏହାର ପ୍ରଭାବ ସାରାବିଶ୍ୱକୁ ବ୍ୟାପକ ଭାବରେ ପକାଇଛି । ରାଜ୍ୟରେ ଅର୍ଥିକ ଓ ସାମାଜିକ ଉନ୍ନୟନ ପାଇଁ ଅନେକ ଉଦ୍ୟୋମ ହୋଇଛି । କିନ୍ତୁ ଅଚାନକ ଜଳବାୟୁର ପରିବର୍ତ୍ତନ ଓ ନିୟମିତ ବ୍ୟବଧାନରେ ପ୍ରକୃତିକ ବିପର୍ଯ୍ୟୟର କାରଣ ଯୋଗୁଁ ଏହି ଅର୍ଥିକ ଓ ସାମାଜିକ ଉନ୍ନୟନ କାର୍ଯ୍ୟର ସଫଳ ମିଳୁନାହିଁ ।

# ଜଳବାୟୁର ଜ୍ୱାଳା: କିଛି ଅନୁଭବ, ଆକଳନ ଓ ମୁକାବିଲା

ଦିଲୀପ ସୁବୁଦ୍ଧି

ବଙ୍ଗୋପସାଗର ଉପକୂଳ ଅଞ୍ଚଳରେ ବିଶ୍ୱର ସଂଖ୍ୟାଧିକ ଗରିବ ଲୋକ ବାସ କରନ୍ତି। ବଙ୍ଗୋପସାଗରର ସମୃଦ୍ଧ ପ୍ରାକୃତିକ ସମ୍ବଳ ତଟୀୟ ଅଧିବାସୀଙ୍କ ଜୀବନ ଓ ଜୀବିକାକୁ ଯେତିକି ସହାୟତା କରେ ତତୋଧିକ ବିପର୍ଯ୍ୟସ୍ତ କରାଏ। ବିଗତ ଶତାବ୍ଦୀରେ ବଙ୍ଗୋପସାଗର ଉପକୂଳ ଅଞ୍ଚଳରେ ସଂଗଠିତ ବାତ୍ୟା ଓ ମହାବାତ୍ୟା ଏହାର ସୂଚକ। ଲଘୁଚାପ ସୃଷ୍ଟି ହେଲେ ଉପକୂଳବାସୀଙ୍କ ମନରେ ଛନ୍‌କା ପଶେ। ଉଭୟ ଆଉ ଆଶଙ୍କାରେ ଦିନ କାଟନ୍ତି ସେମାନେ। ବଢ଼ି ପାଣି ଗାଁରେ ପଶିଲେ ହିଁ ପ୍ରସ୍ତୁତି ଆରମ୍ଭ ହୁଏ। ଉଦ୍ଧାର, ରିଲିଫ୍ ଓ ଥଇଥାନକୁ ନେଇ ପ୍ରଶାସନ ବ୍ୟସ୍ତ ରହେ। ପାଣି ଛାଡ଼ିଲେ ସ୍ୱାଭାବିକ ହୁଏ ଜୀବନ। ବଢ଼ି ମୁହଁରୁ ବଞ୍ଚିଥିବା ଲୋକେ ବନ୍ୟା ପାଣିରୁ ବର୍ତ୍ତିଗଲା ପରେ ପୁଣି ଜୀବନ ବଞ୍ଚିବାର ସଂଗ୍ରାମ ଜାରୀ ରଖନ୍ତି। ପୂର୍ବରୁ ପ୍ରସ୍ତୁତି ନଥିବାରୁ କ୍ଷୟକ୍ଷତି ଘଟିଲା ବୋଲି କୁହାଯାଏ, ସତ ହେଲେ ପୂର୍ବ ପ୍ରସ୍ତୁତି ବା ମୁକାବିଲା କୌଶଳ ସାକାର ହୋଇପାରେନାହିଁ। ଏବେ ୧୯୯୯ ମହାବାତ୍ୟା ପରଠାରୁ ଏ ଧାରାରେ ପରିବର୍ତ୍ତନ ଆସିଛି।

ମହାବାତ୍ୟା ପୂର୍ବରୁ ଭାରତୀୟ ରେଡ଼କ୍ରସ ସୋସାଇଟି ଓଡ଼ିଶା ଶାଖା ତରଫରୁ ଜର୍ମାନ [illegible]କ୍ରମ ସହାୟତାରେ ମୋଟ ୨୩ଟି ବାତ୍ୟା ଆଶୟସ୍ଥଳ ଥିଲା। ୧୯୮୬ରୁ ଆରମ୍ଭ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପ୍ରକ୍ରିୟାକୁ ସେତେବେଳେ ଲୋକେ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ହେଲେ ମହାବାତ୍ୟା ସମୟରେ ଏହି ୨୩ଟି ବାତ୍ୟା ଆଶ୍ରୟସ୍ଥଳରେ ୪୨୦୦୦ ଲୋକ ମୁଣ୍ଡ ଗୁଞ୍ଜି ରକ୍ଷା ପାଇଯାଇଥିଲେ। ପୂର୍ବରୁ ପ୍ରସ୍ତୁତି ଥିଲେ ଧନ ଓ ଜୀବନ ରକ୍ଷା କରିବା କିଭଳି ସୁବିଧା ପ୍ରଦ ଏହି ଘଟଣା ତାର ଏକ ବଳିଷ୍ଠ ଉଦାହରଣ। ଗତ କିଛି ବର୍ଷ ହେଲା ସାରା ବିଶ୍ୱରେ ଏବେ ଜଳବାୟୁ ପରିବର୍ତ୍ତନ ଜନିତ ଅସ୍ୱାଭାବିକତା ଯେଭଳି ଭାବରେ ଦେଖାଯାଉଛି ତାର ମୁକାବିଲା ପାଇଁ ଯଥେଷ୍ଟ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। କେଉଁଠି ପ୍ରବଳ ବର୍ଷା ହେଉଛି ତ କେଉଁଠି ଜଳ ମୁନ୍ଦେ ପାଇଁ ଲୋକେ ଡହକ ବିକଳ ହେଉଛନ୍ତି। ଶୀତ ଦିନରେ ଆଦୌ ଥଣ୍ଡା ହେଉନି ତ କେବେ ହିମ ଲହରୀରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ରୌଦ୍ର ତାପ ସାଙ୍ଗକୁ ଅସହ୍ୟ ଗୁଳଗୁଳି, ଅଦିନିଆ ବର୍ଷା, ବଜ୍ରପାତ ଜନିତ ବିପତ୍ତି ଗରିବ ଜନଗଣଙ୍କ ପାଇଁ ବିପର୍ଯ୍ୟୟରେ ପରିଣତ ହେଉଛି। ଋତୁଚକ୍ରରେ ପରିବର୍ତ୍ତନ, ତାପ ମାତ୍ରାରେ ପରିବର୍ତ୍ତନ ସାମୁଦ୍ରିକ ଜଳପତନ ବୃଦ୍ଧି, ଉଦ୍ଭିଦର ଜୀବନ ଚକ୍ରରେ ପରିବର୍ତ୍ତନ ଘଟି ଜୀବନ, ଜୀବିକା ସ୍ୱାସ୍ଥ୍ୟ ଓ ବସତି ପ୍ରତି ବିପଦ ଦେଖାଯିବାରେ ଲାଗିଛି।

## ଲୁଚକାଳି ଖେଳୁଛି ମୌସୁମୀ

ଆମ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ପାଞ୍ଚରୁ ଦଶ ତାରିଖ ମଧ୍ୟରେ ପ୍ରବେଶ କରିଥାଏ। ଅକ୍ଟୋବର ୧୫ରେ ଏହା ବିଦାୟ ନିଏ। କିନ୍ତୁ ବିଗତ ୧୦ବର୍ଷ ହେଲା ରାଜ୍ୟରେ ବୃଷ୍ଟି ଦିବସ ଓ ବୃଷ୍ଟିପାତରେ ଅନିୟମିତତା ଦେଖାଯାଉଛି। ବିଗତ ୧୫ବର୍ଷର ତଥ୍ୟ ଅନୁଯାୟୀ ୧୯୯୫, ୧୯୯୬, ୧୯୯୭ ଓ ୧୯୯୮ରେ ମୌସୁମୀ ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ଆସିଥିବା ବେଳେ ୧୯୯୯ରେ ଏଥିରେ ବ୍ୟତିକ୍ରମ ଦେଖାଦେଲା। ୨୦୦୦, ୨୦୦୧, ୨୦୦୨, ୨୦୦୩ ଓ ୨୦୦୪ରେ ଶିଘ୍ର ଫେରିଯାଇଥିବା ବେଳେ ୨୦୦୭ରେ ଠିକ୍ ସମୟରେ ଆସି ଲୁଚି ରହିବାରୁ ଗଜା ମରୁଡ଼ି ଦେଖାଯାଇଥିଲା। ହଠାତ୍ ଜୁଲାଇ ମାସର ପ୍ରଥମ ସପ୍ତାହରେ ପ୍ରବଳ ବର୍ଷା ହେବାରୁ ୧୧ଟି ଜିଲ୍ଲାର ଜନ ଜୀବନ ବିପର୍ଯ୍ୟୟ ହୋଇଥିଲା। ୨୦୦୭ରେ ବଙ୍ଗୋପସାଗରରେ ୧୪ଟି ଲଘୁଚାପ ମଧ୍ୟରୁ ୭ଟି ଘନୀଭୂତ ହୋଇଥିଲା।

## କେବେ ବନ୍ୟାତ କେବେ ମରୁଡ଼ି

୧୯୯୧ରେ ୫ଟି ନଦୀରେ ବନ୍ୟା ଆସି ୧୦ଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୯୯୨ରେ ୩ଟି ନଦୀର ବନ୍ୟା ୧୧ଟି ଜିଲ୍ଲାକୁ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୯୯୨ରେ ୩ଟି ନଦୀର ବନ୍ୟା ୧୧ଟି ଜିଲ୍ଲାକୁ ପ୍ରଭାବିତ କରିଥିଲା। ୧୯୯୪ରେ ୨୦ଟି ଜିଲ୍ଲା ୧୯୯୭ରେ ୧୮ଟି ଜିଲ୍ଲା ୧୯୯୯ରେ ୭ଟି ଜିଲ୍ଲା ୨୦୦୧ରେ ୨୪ଟି ଜିଲ୍ଲା ୨୦୦୩ରେ ୨୬ଟି ଜିଲ୍ଲା ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦ ଓ ୨୦୧୧ରେ ବନ୍ୟା ଦ୍ୱାରା ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ୧୯୯୬, ୨୦୦୦, ୨୦୦୨, ୨୦୦୬ ଓ ୨୦୦୯ ବର୍ଷରେ ମରୁଡ଼ି ଦ୍ୱାରା ବ୍ୟାପକ ଫସଲହାନୀ ଘଟିଥିଲା।

## ମାନୁନାହିଁ ସମୁଦ୍ର

ଆମ ରାଜ୍ୟରେ ବଙ୍ଗୋପସାଗରୀୟ ତଟ ରାଜ୍ୟର ଦକ୍ଷିଣ ପଶ୍ଚିମ ଭାଗରେ ଗଞ୍ଜାମ ଜିଲ୍ଲା ବାହୁଦା ନଦୀ ମୁହାଣ ନିକଟସ୍ଥ ସୋନପୁର ଠାରୁ ଆରମ୍ଭ ହୋଇ ରାଜ୍ୟର ଉତ୍ତର ପୂର୍ବ ଭାବରେ ବାଲେଶ୍ୱର ଜିଲ୍ଲା ସୁବର୍ଣ୍ଣ ରେଖା ନଦୀ ମୁହାଣର ପୂର୍ବ ପାର୍ଶ୍ୱସ୍ଥିତ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇଛି। ସଂପ୍ରତି ଉପକୂଳକୁ ଲାଗିଥିବା ବାଲେଶ୍ୱର, ଭଦ୍ରଖ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲା ଗୁଡ଼ିକର ବେଳାଭୂମି ବିପନ୍ନ ହୋଇପଡ଼ିଛି।

ଉପକୂଳ କ୍ଷୟର ସବୁଠାରୁ ଅଧିକ ପ୍ରଭାବ ପଡୁଛି କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ୍‌ରେ। ଗହୀରମଥା ଠାରୁ ବରୁଣେଇ ମୁହାଣ ପର୍ଯ୍ୟନ୍ତ ପ୍ରାୟ ୨୫ କି.ମି. ସମୁଦ୍ର ଉପକୂଳ ଭାବେ ବିପଦ ସଙ୍କୁଳ ହୋଇ ପଡ଼ିଛି। ପ୍ରତିବର୍ଷ ସମୁଦ୍ର ସାତଭାୟା ଅଞ୍ଚଳର ୫୦ ମିଟର ଭୂଭାଗକୁ ଖାଇବାରେ ଲାଗିଛି। ୧୯୩୦ ବନ୍ଦୋବସ୍ତ ବେଳେ ସାତାଭାୟା ଅଞ୍ଚଳ ୩୨୦ ବର୍ଗ କି.ମି. ଥିବାବେଳେ ୨୦୦୦ରେ ୧୫୫ ବର୍ଗକି.ମି.ରେ ପହଞ୍ଚିଛି। ସାତଭାୟାର ୫ଟି ଗ୍ରାମକୁ ସମୁଦ୍ର ଗ୍ରାସ କରିଥିବା ବେଳେ ଗଞ୍ଜାମ ବ୍ଲକ୍‌ର ପୋଡ଼ାମପେଟାର ୪୦ଟି ଘରକୁ ସମୁଦ୍ରର ଜୁଆର ଉଦରସ୍ଥ କରିପକାଇଛି।

## ତାତିରେ ରେକର୍ଡ଼

୨୦୧୨ ଜୁନ୍‌ରେ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୭ ଡ଼ିଗ୍ରୀ ରେକର୍ଡ଼ କରାଯାଇଥିବା ବେଳେ ରାଜ୍ୟର ପ୍ରମୁଖ ୬ରୁ ଉର୍ଦ୍ଧ୍ୱ ସ୍ଥାନର ତାପମାତ୍ରା ବିଗତ ଅନେକ ବର୍ଷର ରେକର୍ଡ଼କୁ ପଛରେ ପକାଇ ଦେଇଛି। ସରକାରୀ ତଥ୍ୟ ଅନୁଯାୟୀ ୧୯୯୮ ମସିହାରେ ରାଜ୍ୟରେ ୨୦୪୨ ଜଣଙ୍କ ଅଶୁଂଘାତ ଜନିତ ମୃତ୍ୟୁ

| | |
|---|---|
| ୧୯୯୯ରେ | ୯୧ଜଣ |
| ୨୦୦୦ରେ | ୨୯ଜଣ |
| ୨୦୦୧ରେ | ୨୫ଜଣ |
| ୨୦୦୨ରେ | ୪୧ଜଣ |
| ୨୦୦୩ରେ | ୬୭ଜଣ |
| ୨୦୦୪ରେ | ୪୩ଜଣ |

୨୦୦୫ରେ ୨୩୩ ଜଣ ଏବଂ ୨୦୧୨ରେ ୬୩ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଛି। ଗବେଷକଙ୍କ ମତରେ ଗତ ଏକ ହଜାର ବର୍ଷ ମଧ୍ୟରେ ୧୯୯୦-୧୯୯୯ ସର୍ବାଧିକ ଉତ୍ତପ୍ତ ବର୍ଷ ଥିଲା।

ରାଜ୍ୟର କେନ୍ଦ୍ରାପଡ଼ା, ବାଲେଶ୍ୱର, ପୁରୀ, ଜଗତସିଂହପୁର, ଭଦ୍ରଖ ଓ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ୍‌ର ୧୧୫ ଗ୍ରାମ ପଞ୍ଚାୟତରେ ୧୭୫ ଖଣ୍ଡ ଗ୍ରାମ ସାମୁହିକ ଝଡ଼ ବତାସ ପ୍ରବଣ ଅଞ୍ଚଳ ରୂପେ ଚିହ୍ନଟ ହୋଇଛି। ଏସବୁ ଅଞ୍ଚଳରେ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ୧୯୯୯ ମହାବାତ୍ୟା ପରଠାରୁ ବିଭିନ୍ନ ପ୍ରୟାସ ଆରମ୍ଭ କରିଛନ୍ତି।

ବଙ୍ଗୋପସାଗର ଉପକୂଳ ଅଧିବାସୀଙ୍କୁ ବିପର୍ଯ୍ୟୟ ମୁକାବିଲା କୌଶଳର ଅଭିବୃଦ୍ଧି ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି। ରାଜ୍ୟ ସରକାର ୟୁଏନ୍‌ଡିପି ସହାୟତାରେ ରାଜ୍ୟର ୧୬ଟି ବିପଦ ସଙ୍କୁଳ ଜିଲ୍ଲାରେ ବିପର୍ଯ୍ୟୟ ହ୍ରାସ ପାଇଁ ପରିଚାଳନା ଯୋଜନା ୨୦୦୨-୦୮ ଦୁଇଟି ପର୍ଯ୍ୟାୟରେ ହାତକୁ ନେଇଥିଲେ। ନମୁନା ଭାବେ ୭ଟି ଉପକୂଳ ଜିଲ୍ଲାର ୧୦ଟି ବ୍ଲକ୍‌ରେ ଗୋଷ୍ଠୀ ଭିତ୍ତିକ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା।

କନସର୍ଣ୍ଣ ୱାଲ୍ଡ ୱାଇଡ୍ ଏବଂ ଆର୍‌ସିଡିସିର ପ୍ରୟାସରେ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାର ୨ଟି ବ୍ଲକ୍ ଅଞ୍ଚଳରେ ଗୋଷ୍ଠୀ ଭିତ୍ତିକ ବିପର୍ଯ୍ୟୟ ମୁକାବିଲା କୌଶଳ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥବରେ ବିପଦ ସଙ୍କୁଳ ବର୍ଗ ବିପଦ ପ୍ରବଣତା, ବିପର୍ଯ୍ୟୟର ଅତୀତ ଓ ସମ୍ଭାବ୍ୟ ବିପଦ, ସମ୍ଭାବ୍ୟ କ୍ଷୟକ୍ଷତି ଓ ମୁକାବିଲା ଦିଗରେ ଗୋଷ୍ଠୀଙ୍କ ସାମର୍ଥ୍ୟ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଜୁଲାଇ ୧୨ରୁ ୧୪ ଯାଏଁ ଏ ସଂପର୍କିତ ଏକ ଆନ୍ତଃ ରାଷ୍ଟ୍ରୀୟ କର୍ମଶାଳା ଭୁବନେଶ୍ୱର ଠାରେ ଆୟୋଜିତ ହେଉଛି। ଗୋଷ୍ଠୀଙ୍କ ନିକଟରେ ବିପର୍ଯ୍ୟୟ ପରିଚାଳନାର ପାରମ୍ପରିକ ଜ୍ଞାନ ରହିଛି ଓ ବିଶେଷଜ୍ଞଙ୍କ ନିକଟରେ ବିଜ୍ଞାନ ସମ୍ମତ ଉପାୟ ଅଛି। ଉଭୟର ମିଶ୍ରଣରେ ଏକ ନମୁନା କ୍ଷେତ୍ରସ୍ତରରେ ପ୍ରୟୋଗ ହୋଇପାରିଲେ ବିପର୍ଯ୍ୟୟର ପ୍ରଭାବକୁ ହ୍ରାସ କରାଯାଇପାରିବ ବୋଲି ଆଶା ପୋଷଣ କରାଯାଉଛି।

# ଜଳବାୟୁର ଜ୍ୱାଳା

## କିଛି ଅନୁଭବ, କଳ୍ପନା ଓ ମୁକାବିଲା କୌଶଳ

ବଙ୍ଗୋପସାଗର ଉପକୂଳ ଅଞ୍ଚଳରେ ବିଶ୍ୱର ସଂଖ୍ୟାଧିକ ଗରିବ ଲୋକ ବାସ କରନ୍ତି। ବଙ୍ଗୋପସାଗରର ସମୃଦ୍ଧ ପ୍ରାକୃତିକ ସମ୍ବଳ ତଟୀୟ ଅଧିବାସୀଙ୍କ ଜୀବନ ଓ ଜୀବିକାକୁ ଯେତିକି ସହାୟତା କରେ ତତୋଧିକ ବିପର୍ଯ୍ୟସ୍ତ କରାଏ। ବିଗତ ଶତାବ୍ଦୀରେ ବଙ୍ଗୋପସାଗର ଉପକୂଳ ଅଞ୍ଚଳରେ ସଂଗଠିତ ବାତ୍ୟା ଓ ମହାବାତ୍ୟା ଏହାର ସୂଚକ। ଲଘୁଚାପ ସୃଷ୍ଟି ହେଲେ ଉପକୂଳବାସୀଙ୍କ ମନରେ ଛନ୍‌କା ପଶେ। ଭୟ ଆଉ ଆଶଙ୍କାରେ ଦିନ କାଟନ୍ତି ସେମାନେ। ବଢ଼ି ପାଣି ଗାଁରେ ପଶିଲେ ହିଁ ପ୍ରସ୍ତୁତି ଆରମ୍ଭ ହୁଏ।

ଦିଲ୍ଲୀପ୍ ସୁବୁଦ୍ଧି

ଉଦ୍ଧାର, ରିଲିଫ୍ ଓ ଥଇଥାନକୁ ନେଇ ପ୍ରଶାସନ ବ୍ୟସ୍ତ ରହେ। ପାଣି ଛାଡ଼ିଲେ ସ୍ୱାଭାବିକ ହୁଏ ଜୀବନ। ବଢ଼ି ମୁହଁରୁ ବଞ୍ଚିଥିବା ଲୋକେ ବନ୍ୟା ପାଣିରୁ ବଞ୍ଚିଗଲା ପରେ ପୁଣି ଜୀବନ ବଞ୍ଚିବାର ସଂଗ୍ରାମ ଜାରୀ ରଖନ୍ତି। ପୂର୍ବରୁ ପ୍ରସ୍ତୁତି ନଥିବାରୁ କ୍ଷୟକ୍ଷତି ଘଟିଲା ବୋଲି କୁହାଯାଏ ସତ ହେଲେ ପୂର୍ବ ପ୍ରସ୍ତୁତି ବା ମୁକାବିଲା କୌଶଳ ସାକାର ହୋଇ ପାରେ ନାହିଁ। ଏବେ ୧୯୯୯ ମହାବାତ୍ୟା ପରଠାରୁ ଏ ଧାରାରେ ପରିବର୍ତ୍ତନ ଆସିଛି।

ମହାବାତ୍ୟା ପୂର୍ବରୁ ଭାରତୀୟ ରେଡ଼କ୍ରସ ସୋସାଇଟି ଓଡ଼ିଶା ଶାଖା ତରଫରୁ ଜର୍ମାନ ରେଡ଼କ୍ରସ ସହାୟତାରେ ମୋଟ ୨୩ଟି ବାତ୍ୟା ଆଶୟସ୍ଥଳ ଥିଲା। ୧୯୮୬ରୁ ଆରମ୍ଭ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପ୍ରକ୍ରିୟାକୁ ସେତେବେଳେ ଲୋକେ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ହେଲେ ମହାବାତ୍ୟା ସମୟରେ ଏହି ୨୩ଟି ବାତ୍ୟା ଆଶ୍ରୟସ୍ଥଳରେ ୪୨୦୦୦ ଲୋକ ମୁଣ୍ଡ ଗୁଞ୍ଜି ରକ୍ଷା ପାଇ ଯାଇଥିଲେ। ପୂର୍ବରୁ ପ୍ରସ୍ତୁତି ଥିଲେ ଧନ ଓ ଜୀବନ ରକ୍ଷା କରିବା କିଭଳି ସୁବିଧା ପ୍ରଦ ଏହି ଘଟଣା ତାର ଏକ ବଳିଷ୍ଠ ଉଦାହରଣ। ଗତ କିଛି ବର୍ଷ ହେଲା ସାରା ବିଶ୍ୱରେ ଏବେ ଜଳବାୟୁ ପରିବର୍ତ୍ତନ ଜନିତ ଅସ୍ୱାଭାବିକତା ଯେଭଳି ଭାବରେ ଦେଖାଯାଉଛି ତାର ମୁକାବିଲା ପାଇଁ ଯଥେଷ୍ଟ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି। କେଉଁଠି ପ୍ରବଳ ବର୍ଷା ହେଉଛି ତ କେଉଁଠି ଜଳ ମୁନ୍ଦେ ପାଇଁ ଲୋକେ ତହକ ବିକଳ ହେଉଛନ୍ତି। ଶୀତ ଦିନରେ ଆଦୌ ଥଣ୍ଡା ହେଉନି ତ କେବେ ହିମ ଲହରୀରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ରୌଦ୍ର ତାପ ସାଙ୍ଗକୁ ଅସହ୍ୟ ଗୁଳଗୁଳି, ଅଦିନିଆ ବର୍ଷା, ବଜ୍ରପାତ ଜନିତ ବିପତ୍ତି ଗରିବ ଜନଗଣଙ୍କ ପାଇଁ ବିପର୍ଯ୍ୟୟରେ ପରିଣତ ହେଉଛି। ଋତୁଚକ୍ରରେ ପରିବର୍ତ୍ତନ, ତାପ ମାତ୍ରାରେ ପରିବର୍ତ୍ତନ ସାମୁଦ୍ରିକ ଜଳପତନ ବୃଦ୍ଧି, ଉଦ୍ଭିଦର ଜୀବନ ଚକ୍ରରେ ପରିବର୍ତ୍ତନ ଘଟି ଜୀବନ, ଜୀବିକା ସ୍ୱାସ୍ଥ୍ୟ ଓ ବସତି ପ୍ରତି ବିପଦ ଦେଖାଯିବାରେ ଲାଗିଛି।

### ଲୁଚକାଳି ଖେଳୁଛି ମୌସୁମୀ

ଆମ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ପାଞ୍ଚରୁ ଦଶ ତାରିଖ ମଧ୍ୟରେ ପ୍ରବେଶ କରିଥାଏ। ଅକ୍ଟୋବର ୧୫ରେ ଏହା ବିଦାୟ ନିଏ। କିନ୍ତୁ ବିଗତ ୧୦ବର୍ଷ ହେଲା ରାଜ୍ୟରେ ବୃଷ୍ଟି ଦିବସ ଓ ବୃଷ୍ଟିପାତରେ ଅନିୟମିତତା ଦେଖାଯାଉଛି। ବିଗତ ୧୫ବର୍ଷର ତଥ୍ୟ ଅନୁଯାୟୀ ୧୯୯୫, ୧୯୯୬, ୧୯୯୭ ଓ ୧୯୯୮ରେ ମୌସୁମୀ ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ଆସିଥିବା ବେଳେ ୧୯୯୯ରେ ଏଥିରେ ବ୍ୟତିକ୍ରମ ଦେଖାଦେଲା। ୨୦୦୦, ୨୦୦୧, ୨୦୦୨, ୨୦୦୩ ଓ ୨୦୦୪ରେ ଶୀଘ୍ର ଫେରିଯାଇଥିବା ବେଳେ ୨୦୦୭ରେ ଠିକ୍ ସମୟରେ ଆସି ଲୁଚି ରହିବାରୁ ଗଜା ମରୁଡ଼ି ଦେଖାଯାଇଥିଲା। ହଠାତ୍ ଜୁଲାଇ ମାସର ପ୍ରଥମ ସପ୍ତାହରେ ପ୍ରବଳ ବର୍ଷା ହେବାରୁ ୧୧ଟି ଜିଲ୍ଲାର ଜନ ଜୀବନ ବିପର୍ଯ୍ୟୟ ହୋଇଥିଲା। ୨୦୦୭ରେ ବଙ୍ଗୋପସାଗରରେ ୧୪ଟି ଲଘୁଚାପ ମଧ୍ୟରୁ ୭ଟି ଘନୀଭୂତ ହୋଇଥିଲା।

### କେବେ ବନ୍ୟାତ କେବେ ମରୁଡ଼ି

୧୯୯୧ରେ ୫ଟି ନଦୀରେ ବନ୍ୟା ଆସି ୧୦ଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୯୯୨ରେ ୩ଟି ନଦୀର ବନ୍ୟା ୧୧ଟି ଜିଲ୍ଲାକୁ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୯୯୨ରେ ୩ଟି ନଦୀର ବନ୍ୟା ୧୧ଟି ଜିଲ୍ଲାକୁ ପ୍ରଭାବିତ କରିଥିଲା। ୧୯୯୪ରେ ୨୦ଟି ଜିଲ୍ଲା ୧୯୯୭ରେ ୧୮ଟି ଜିଲ୍ଲା ୧୯୯୯ରେ ୭ଟି ଜିଲ୍ଲା ୨୦୦୧ରେ ୨୪ଟି ଜିଲ୍ଲା ୨୦୦୩ରେ ୨୬ଟି ଜିଲ୍ଲା ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦ ଓ ୨୦୧୧ରେ ବନ୍ୟା ଦ୍ୱାରା ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ୧୯୯୬, ୨୦୦୦, ୨୦୦୨, ୨୦୦୬ ଓ ୨୦୦୯ ବର୍ଷରେ ମରୁଡ଼ି ଦ୍ୱାରା ବ୍ୟାପକ ଫସଲହାନୀ ଘଟିଥିଲା।

### ମାନୁନାହିଁ ସମୁଦ୍ର

ଆମ ରାଜ୍ୟରେ ବଙ୍ଗୋପସାଗରୀୟ ତଟ ରାଜ୍ୟର ଦକ୍ଷିଣ ପଶ୍ଚିମ ଭାଗରେ ଗଞ୍ଜାମ ଜିଲ୍ଲା ବାହୁଦା ନଦୀ ମୁହାଣ ନିକଟସ୍ଥ ସୋନପୁର ଠାରୁ ଆରମ୍ଭ ହୋଇ ରାଜ୍ୟର ଉତ୍ତର ପୂର୍ବ ଭାବରେ ବାଲେଶ୍ୱର ଜିଲ୍ଲା ସୁବର୍ଣ୍ଣ ରେଖା ନଦୀ ମୁହାଣର ପୂର୍ବ ପାର୍ଶ୍ୱସ୍ଥିତ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇଛି। ସଂପ୍ରତି ଉପକୂଳକୁ ଲାଗିଥିବା ବାଲେଶ୍ୱର, ଭଦ୍ରକ; କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲା ଗୁଡ଼ିକର ବେଳାଭୂମି ବିପନ୍ନ ହୋଇପଡ଼ିଛି।

ଉପକୂଳ କ୍ଷୟର ସବୁଠାରୁ ଅଧିକ ପ୍ରଭାବ ପଡ଼ୁଛି କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକ୍‌ରେ। ଗହୀରମଥା ଠାରୁ ବରୁଣେଇ ମୁହାଣ ପର୍ଯ୍ୟନ୍ତ ପ୍ରାୟ ୨୫ କି.ମି. ସମୁଦ୍ର ଉପକୂଳ ଭାବେ ବିପଦ ସଙ୍କୁଳ ହୋଇ ପଡ଼ିଛି। ପ୍ରତିବର୍ଷ ସମୁଦ୍ର ସାତଭାୟା ଅଞ୍ଚଳର ୫୦ ମିଟର ଭୂଭାଗକୁ ଖାଇବାରେ ଲାଗିଛି। ୧୯୩୦ ବନ୍ଦୋବସ୍ତ ବେଳେ ସାତାଭାୟା ଅଞ୍ଚଳ ୩୨୦ ବର୍ଗ କି.ମି. ଥିବାବେଳେ ୨୦୦୦ରେ ୧୫୫ ବର୍ଗକି.ମି.ରେ ପହଞ୍ଚିଛି। ସାତଭାୟାର ୫ଟି ଗ୍ରାମକୁ ସମୁଦ୍ର ଗ୍ରାସ କରିଥିବା ବେଳେ ଗଞ୍ଜାମ ବ୍ଲକ୍‌ର ପୋଡ଼ାମପେଟାର ୪୦ଟି ଘରକୁ ସମୁଦ୍ରର ଜୁଆର ଉଦରସ୍ଥ କରିପକାଇଛି।

### ତାତିରେ ରେକର୍ଡ଼

୨୦୧୨ ଜୁନ୍‌ରେ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୭ ଡ଼ିଗ୍ରୀ ରେକର୍ଡ଼ କରାଯାଇଥିବା ବେଳେ ରାଜ୍ୟର ପ୍ରମୁଖ ୬ରୁ ଊର୍ଦ୍ଧ୍ୱ ସ୍ଥାନର ତାପମାତ୍ରା ବିଗତ ଅନେକ ବର୍ଷର ରେକର୍ଡ଼କୁ ପଛରେ ପକାଇ ଦେଇଛି। ସରକାରୀ ତଥ୍ୟ ଅନୁଯାୟୀ ୧୯୯୮ ମସିହାରେ ରାଜ୍ୟରେ ୨୦୪୨ ଜଣଙ୍କ ଅଶୁଂଘାତ ଜନିତ ମୃତ୍ୟୁ

| | |
|---|---|
| ୧୯୯୯ରେ | ୯୧ଜଣ |
| ୨୦୦୦ରେ | ୨୯ଜଣ |
| ୨୦୦୧ରେ | ୨୫ଜଣ |
| ୨୦୦୨ରେ | ୪୧ଜଣ |
| ୨୦୦୩ରେ | ୬୭ଜଣ |
| ୨୦୦୪ରେ | ୪୩ଜଣ |

୨୦୦୫ରେ ୨୩୩ ଜଣ ଏବଂ ୨୦୧୨ରେ ୬୩ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଛି। ଗବେଷକଙ୍କ ମତରେ ଗତ ଏକ ହଜାର ବର୍ଷ ମଧ୍ୟରେ ୧୯୯୦-୧୯୯୯ ସର୍ବାଧିକ ଉତ୍ତପ୍ତ ବର୍ଷ ଥିଲା।

ରାଜ୍ୟର କେନ୍ଦ୍ରାପଡ଼ା, ବାଲେଶ୍ୱର, ପୁରୀ; ଜଗତସିଂହପୁର, ଭଦ୍ରକ ଓ ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକ୍‌ର ୧୧୫ ଗ୍ରାମ ପଞ୍ଚାୟତରେ ୧୭୫ ଖଣ୍ଡ ଗ୍ରାମ ସାମୁହିକ ଝଡ଼ ବତାସ ପ୍ରବଣ ଅଞ୍ଚଳ ରୂପେ ଚିହ୍ନଟ ହୋଇଛି। ଏସବୁ ଅଞ୍ଚଳରେ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ୧୯୯୯ ମହାବାତ୍ୟା ପରଠାରୁ ବିଭିନ୍ନ ପ୍ରୟାସ ଆରମ୍ଭ କରିଛନ୍ତି।

ବଙ୍ଗୋପସାଗର ଉପକୂଳ ଅଧିବାସୀଙ୍କୁ ବିପର୍ଯ୍ୟୟ ମୁକାବିଲା କୌଶଳର ଅଭିବୃଦ୍ଧି ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି। ରାଜ୍ୟ ସରକାର ୟୁଏନ୍‌ଡିପି ସହାୟତାରେ ରାଜ୍ୟର ୧୬ଟି ବିପଦ ସଙ୍କୁଳ ଜିଲ୍ଲାରେ ବିପର୍ଯ୍ୟୟ ହ୍ରାସ ପାଇଁ ପରିଚାଳନା ଯୋଜନା ୨୦୦୨-୦୮ ଦୁଇଟି ପର୍ଯ୍ୟାୟରେ ହାତକୁ ନେଇଥିଲେ। ନମୁନା ଭାବେ ୭ଟି ଉପକୂଳ ଜିଲ୍ଲାର ୧୦ଟି ବ୍ଲକରେ ଗୋଷ୍ଠୀ ଭିତ୍ତିକ ବିପର୍ଯ୍ୟୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରା ଯାଇଥିଲା।

କନସର୍ଣ୍ଣ ୱାର୍ଲ୍ଡ ୱାଇଡ୍ ଏବଂ ଆର୍‌ସିଡିସିର ପ୍ରୟାସରେ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲ୍ଲାର ୨ଟି ବ୍ଲକ୍ ଅଞ୍ଚଳରେ ଗୋଷ୍ଠୀ ଭିତ୍ତିକ ବିପର୍ଯ୍ୟୟ ମୁକାବିଲା କୌଶଳ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ବିପଦ ସଙ୍କୁଳ ବର୍ଗ ବିପଦ ପ୍ରବଣତା, ବିପର୍ଯ୍ୟୟର ଅତୀତ ଓ ସମ୍ଭାବ୍ୟ ବିପଦ, ସମ୍ଭାବ୍ୟ କ୍ଷୟକ୍ଷତି ଓ ମୁକାବିଲା ଦିଗରେ ଗୋଷ୍ଠୀଙ୍କ ସାମର୍ଥ୍ୟ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଜୁଲାଇ ୧୨ରୁ ୧୪ ଯାଏଁ ଏ ସଂପର୍କିତ ଏକ ଆନ୍ତଃ ରାଷ୍ଟ୍ରୀୟ କର୍ମଶାଳା ଭୁବନେଶ୍ୱର ଠାରେ ଆୟୋଜିତ ହେଉଛି। ଗୋଷ୍ଠୀଙ୍କ ନିକଟରେ ବିପର୍ଯ୍ୟୟ ପରିଚାଳନାର ପାରମ୍ପରିକ ଜ୍ଞାନ ରହିଛି ଓ ବିଶେଷଜ୍ଞଙ୍କ ନିକଟରେ ବିଜ୍ଞାନ ସମ୍ମତ ଉପାୟ ଅଛି। ଉଭୟର ମିଶ୍ରଣରେ ଏକ ନମୁନା କ୍ଷେତ୍ରସ୍ତରରେ ପ୍ରୟୋଗ ହୋଇ ପାରିଲେ ବିପର୍ଯ୍ୟୟର ପ୍ରଭାବକୁ ହ୍ରାସ କରା ଯାଇପାରିବ ବୋଲି ଆଶା ପୋଷଣ କରା ଯାଉଛି।